# ତହସିଲ କାର୍ଯ୍ୟାଳୟ,ବିଶ୍ରା

ବିଜ୍ଞପ୍ତି ସଂଖ୍ୟା.......901......../ତାରିଖ......18.6.19......

## ଲଘୁ ଖଣିଜ ସକାଶେ ଲିଜ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗଅଧିନସ୍ଥ ବିଶ୍ରା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଖାଦାନ ଗୁଡିକର ଆସନ୍ତା 5 (ପାଂଚ ) ବର୍ଷ ନିମନ୍ତେ ଲିଜ୍ ପାଇଁ ନିମ୍ନସାରଣୀ ମୁତାବକ ତହସିଲଦାର,ବିଶ୍ରାଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକବ୍ୟକ୍ତି ବିଶେଷ **OMMC (Amendment ) Rule-2016** ର **Form- M** ପୂରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି ମୁଦ୍ଦିଆ ଲଫାଫା ( **Sealed Cover** ) ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା 09/07/2019 ପୂର୍ବାହ୍ନ 10 ଘଟିକାରୁଅପରାହ୍ନ 1.00 ଟା ସୁଦ୍ଧା ତହସିଲ ଅଫିସରେ ଥିବା **Drop Box** ରେ ପକାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । **Drop Box** ତା 09/07/2019 ରିଖ ଅପରାହ୍ନ 1.10 ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଲିଜ୍ ଚୂଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ପ୍ରଥମ ତାରିଖରେ ଲିଜ୍ ହୋଇ ନ ପାରିଲେ ଦ୍ୱିତୀୟ ଥର ପାଇଁ ତା 11/07/2019 ରିଖ ଓ ତୃତୀୟ ଥରପାଇଁ 16/07/2019 ରିଖରେ ଉପରୋକ୍ତ ସ୍ଥାନ ଓ ସମୟ ଲିଜ୍ ଦରଖାସ୍ତ ଗ୍ରହଣ କରାଯାଇ ଚୂଡାନ୍ତ କରାଯିବ ।

ଲିଜ୍ ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତାବଳୀ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ ଦିବସରେ ଦେଖି ପାରିବେ ।

(1) ଦରଖାସ୍ତ ଫି ସକାଶେ ଟ . 1000.00 ( ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ ( 0853 **-Non Ferrous Mining & Metallurgical instituation – 102 – Mineral concession** )

(2) ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ ବିବରଣୀ ଓ ନକ୍ସା ।

(3) କୌଣସି ମାଇନିଙ୍ଗ ଭରଣା ନ ଥିବା ନେଇ ଏକ ସତ୍ୟପାଠ ।

(4) ଆବେଦନ କାରୀ ଏକ ବର୍ଷ ନିମନ୍ତେ ନିର୍ଦ୍ଧାରିତ ସର୍ବନିମ୍ନ ପ୍ରତ୍ୟାଭୁତ ପରିମାଣ ( **Minimum Guaranteed Quantity** ) ର ଲଘୁଖଣି ଜାତ ଦ୍ରବ୍ୟ ପାଇଁ ଦେବାକୁ ଥିବା ରୟାଲଟି (**Royalty** ) ଓ ସଂପୃକ୍ତ ଆବେଦନକାରୀଙ୍କ ଦ୍ୱାରା ଆବେଦିତ ଅତିରିକ୍ତ ଦେୟ ( **Additional Charge** ) ପରିମାଣର ଏକ **Solvency Certificate** କିମ୍ବା 18 ମାସ ନିମନ୍ତେ ସଂପୃକ୍ତ ରାଶିର ଏକ **Bank Guarantee** ଦାଖଲ କରିବେ । ଏହା ସହିତ ଆବେଦନକାରୀ ରାଜସ୍ୱ ଅଧୀକାରୀଙ୍କ ଠାରୁ ଅନ୍ୟାନ୍ୟ ସ୍ଥାନର ସଂପତ୍ତି ର ଏକ ବିବରଣୀ ଦାଖଲ କରିବେ ।

(5) ଅନ୍ୟ ବିବରଣୀ ଯଥା – ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥୀକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ର ବିବରଣୀ ଦାଖଲ କରିବେ ।

(6) ପାନ କାର୍ଡ ( Pan card ) ର ଜେରକ୍ସ କପି ।

ସର୍ତ୍ତାବଳୀ

(1) ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ 2016 ର ପରିସର ଭୁକ୍ତ ରହିବେ ।

(2) ଲିଜରେ ଭାଗ ନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା,ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।

(3) ଏହି ସମ୍ପର୍କରେ ଲିଜ୍ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ,କିମ୍ବା କର୍ତ୍ତୃପକ୍ଷ ଦାୟୀରହିବେ ନାହିଁ ।

(4) ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଦାୟୀ ରହିବେ ନାହିଁ ।

(5) ବାଲି ଓ ପଥର ନିମନ୍ତେ ବର୍ତ୍ତମାନ ପାଇଁ ସର୍ବନିମ୍ନ ରୟାଲ୍ଟି ମୂଲ୍ୟ ( Per Cubuc Meter )ଯଥାକ୍ରମେ ଟ.35/- ଓ 130/- ଅଟେ ।

(6) ସରକାରୀ ରୟାଲ୍ଟି ଧାର୍ଯ୍ୟ ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରିଦିଆଯିବ ।

(7) ଆବେଦନ କାରୀ ଧାର୍ଯ୍ୟ ହୋଇଥୀବା ବଇନା ରାଶି ( Earnest money )ନିୟମ 27(4)(iii) ଅନୁସାରେ ଜମାକରିଥିବାରୁ ନିଦର୍ଶନ ସ୍ୱରୂପ ରସିଦ ଦାଖଲ କରିବେ ।

(8) ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥୀବା ଏବଂ ସର୍ବାଧିକ ଅତିରିକ୍ତ ଦେୟ ମୁଲ୍ୟାଙ୍କ ( Quoted ) କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

(9) ଲିଜଧାରୀ ସମ୍ପୃକ୍ତ ଅଧୀକାରୀଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଅମାନତ ରାଶି Bidding ପ୍ରକିୟା ସମ୍ପୂର୍ଣ୍ଣ ହେବାର ( ସାତ ) ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ/ନଗଦ ଆକାରରେ ଜମା କରିବେ ।

(10) ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଂପ୍ଲାନ ଓ ପରିବେଶ ମଂଜୁରୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ହାସଲ କରି ଦାଖଲ କରିବେ ।

(11) କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ସଇରାତ ଉସ୍ତ ପାଇଁ ମିଳିତଭାବେ ଲିଜଧାରୀମାନେ ପରିବେଶ ମଂଜୁରୀ ହାସଲ କରି ଦାଖଲ କରିବେ ।

(12) ପ୍ରାଧିକୃତ ଅଧୀକାରୀଙ୍କ ( Authorized Officer ) ଦ୍ୱାରା ଅନୁମୋଦିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲ୍ଟିର ମୁଲ୍ୟାଙ୍କ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ , ସେହି ରାଶିକୁ Enviroment Clearance ଆଣିସାରିବା ପରେ ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜଧାରୀ ରେଜିଷ୍ଟ୍ରିସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତିପତ୍ର ( Execution of Lease Deed ) ସମ୍ପାଦନ କରିବେ ।

(13) ଜମା ରୟାଲ୍ଟିର 2 ପ୍ରତିଶତ ଲିଜଧାରୀ ଆୟକର ( T.C.S ) ବାବଦକୁ ଜମାକରିବେ । ସର୍ବୋଚ୍ଚ ନିଲାମଧାରୀ ରୟାଲଟି ସହିତ ଅତିରିକ୍ତ ଦେୟ ଏବଂ ସରଫେସ୍ Rent,Dead Rent ଓ ଜିଲ୍ଲା ଖଣିଜ ଫାଉଣ୍ଡେସନ ଓ ପରିବେଶ ପରିଚାଳନା ଖର୍ଚ ଯଥା ସମୟରେ ନିୟମାନୁସାରେ ପଇଠ କରିବେ । ନିଲାମଧାରୀକାରୀମାନେ ତଥା ଲିଜ୍ ଗ୍ରହିତା ଓଡିଶା ଲଘୁଖଣିଜ ରିହାତି ନିୟମ -2016 ଓ ତତ୍ ସମ୍ବନ୍ଧିୟ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ଅଟନ୍ତି ।

(14) ଲିଜଧାରୀ ସୈରାତ ଉସ୍ତର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରୀକରି ସେଥିରେ ସୈରାତ ଉସ୍ତର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଓ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

(15) ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉସ୍ତରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ।

(16) ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖି ପାରିବେ ଏବଂ ଇସ୍ତାହାରର ସମ୍ପୁର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ http/:www.sundergarh.nic.in ରେ ମଧ ଦେଖୀ ପାରିବେ ।

(17) ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରିଲିଖିତ ହୁଏ,ତେବେ ସଂଶୋଧନ କରିବାର କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଅଧିକାର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ୍ ବାତିଲ ବା ସ୍ଥଗିତ କରିପାରିବ ।

# ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ ସଂଲଗ୍ନ କରାଗଲା

## ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ

| କ୍ର ନଂ | କ୍ଲଷ୍ଟର ର ନାମ | ସୈରାତ ଉତ୍ସର ନାମ | ସୈରାତ ଉତ୍ସର ବିସ୍ତାରିତ ବିବରଣୀ | | | | | | | | |
|---|---|---|---|---|---|---|---|---|---|---|---|
| | | | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ଏରିଆ (ଏକର ) | ଏକ ବର୍ଷ ନିମନ୍ତେ ନିର୍ଦ୍ଧାରିତ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣ ( Minimum Guaranteed Quantity ) | କରକାରୀ ରୟାଲଟି | ସରକାରୀ ଅତିରିକ୍ତ ଦେୟ | ଅମାନତ ରାଶି |
| 1 | କ୍ଲଷ୍ଟର-3 | କପରଣ୍ଡା ପଥର ଖାଦାନ | କପରଣ୍ଡା | 133 | 377/ସ୍ମ | ପତିତ | 12.00 | 2600-Cum | 130/- | 15/- | 18,850/- |
| 2 | | ବିରକେରା ପଥର ଖାଦାନ | ବିରକେରା | 79 | 672/ସ୍ମ | ପତିତ | 4.00 | 50,200 Cum | 130/- | 35/- | 4,14,150/- |
| 3 | କ୍ଲଷ୍ଟର-4 | ଦଧାରି ବାଲିଘାଟ | ଦଧାରି | 82 | 445/550/1 | ନଦୀ | 12.00 | 1800 Cum | 35/- | 5/- | 3,600/- |
| 4 | | ଡୁମେର୍ତ୍ତା ପଥର ଖାଦାନ-2 | ଡୁମେର୍ତ୍ତା (ରାଟାୟୁ ନଂ -52) | 114 | 374/ସ୍ମ<br>366/ସ୍ମ<br>314/ସ୍ମ | ଟୁଙ୍ଗୁରି<br>ପତିତ<br>ପତିତ | 6.10 | 4,150 Cum | 130/- | 158/- | 59,760/- |

ତହସିଲଦାର, ବିଶ୍ରା

ଜ୍ଞାପକ ସଂଖ୍ୟା......902......./ତା 18.6.19

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ ସୁନ୍ଦରଗଡ/ରାଉରକେଲା/ଉପଜିଲ୍ଲାପାଳ,ପାନପୋଷ/ଗୋଷ୍ଠୀ ଉନ୍ନୟନ ଅଧିକାରୀ,ବିଶ୍ରା/ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ଵ ନିରୀକ୍ଷକ ଓ ସଂପୃକ୍ତ ଗ୍ରା:ପ:ର ସରପଂଚ /ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଏବଂ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଝୁଲାଇବା ନିମନ୍ତେ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ବିଶ୍ରା ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଝୁଲାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଏବଂ ଜନ ସମ୍ପର୍କ ଅଧିକାରୀ ରାଉରକେଲାଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣା କରାଗଲା ।

ତହସିଲଦାର,ବିଶ୍ରା